ODM EDUCATIONAL GROUP

Changing your Tomorrow

# MORNING PRAYER



[redacted]



CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

SESSION :10
CLASS :3
SUBJECT : ODIA
CHAPTER NUMBER: 12
CHAPTER NAME :ଆମ ଗାଁ
SUBTOPIC : ଅଭ୍ୟାସ- ୬

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଲିଖନ ଓ ଶୈଳୀ ର ଅଭିବୃଦ୍ଧି କରାଇବା ।




# ଆମ ଗାଁ



# ଆମ ଗାଆଁ

ODM EDUCATIONAL GROUP
Changing your Tomorrow



ଆମ ଗାଁର ନାମ ପୁଷ୍ପପୁର। ଏହାକୁ ଘେରି ରହିଛି ସବୁଜ ଶସ୍ୟକ୍ଷେତ। ଅଳ୍ପଦୂରରେ ଟିକିନଈଟି କୁଳୁକୁଳୁ ଶବ୍ଦ କରି ବହିଯାଉଛି। ଗାଁମୁଣ୍ଡରେ ଶିବମନ୍ଦିର ଅଛି। ଗାଁର ଅଧାରୁ ଅଧିକ ଲୋକ ଚାଷ କାମ କରି ପେଟ ପୋଷନ୍ତି। କ୍ଷେତରେ ଧାନ, ଗହମ, ମୁଗ, ବିରି ଓ ଚିନାବାଦାମ ଚାଷ କରନ୍ତି। ନିଜ ପରିବାର ଚଳିବାପାଇଁ ଖାଦ୍ୟଶସ୍ୟ ରଖି ଅବଶିଷ୍ଟ ବିକ୍ରି କରିଥା'ନ୍ତି। ଏହାଫଳରେ ଅନ୍ୟ ଲୋକମାନେ ସେ ସବୁ ସୁବିଧାରେ ପାଇପାରନ୍ତି।

PATHAGARA ODIAPORTAL.IN
By OdiaPortal.in

48CH7N



ଗାଁର ଆଉ କେତେକ ଲୋକ କାଠରେ ଖଟ, ଚଉକି, ଟେବୁଲ, କବାଟ ଓ ଝରକା ଆଦି ତିଆରି କରନ୍ତି। ସେମାନଙ୍କୁ କାଠ ମିସ୍ତ୍ରୀ କୁହାଯାଏ। ଯାହାର ଯେଉଁ ଜିନିଷ ଦରକାର ସେ ତା'ର ଉଚିତ ଦାମ୍ ଦେଇ ସେମାନଙ୍କଠାରୁ କିଣିଥା'ନ୍ତି।

ଗାଁରେ ନାନାପ୍ରକାର ପର୍ବପର୍ବାଣି ପାଳିତ ହୁଏ । ଲୋକମାନେ ପରସ୍ପର ମିଳିମିଶି ମନସ୍ଫୂର୍ତ୍ତିରେ ପର୍ବପର୍ବାଣି ପାଳିଥା'ନ୍ତି । ଗାଁର ପରିବେଶକୁ ସବୁଜ ସତେଜ ରଖିବାପାଇଁ ଲୋକମାନେ ବୃକ୍ଷରୋପଣ କରନ୍ତି । ଫଳରେ ଗାଁଠାରୁ ଅଳ୍ପ ଦୂରରେ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସତ୍ ପରିଶ୍ରମ କେବେ ହେଲେ ନିଷ୍ଫଳ ହୁଏ ନାହିଁ ।



ଗାଁରେ ବହୁତ ଲୋକ ଫୁଲଚାଷ କରୁଥିବାରୁ ଗାଁଟିର ନାମ ପୁଷ୍ପପୁର ରଖାଯାଇଛି ।



ଗାଁର ଅଳ୍ପ କିଛି ଲୋକ ମାଟିରେ ହାଣ୍ଡି, ମାଠିଆ, ସରା ଗଢ଼ନ୍ତି ।






ଆଉ କେତେକ ଲୋକ ଲୁହାକାମ କରି ପେଟ ପୋଷନ୍ତି । ସେମାନେ ଦାଆ, କଟୁରି, ପନିକି, ପିଠାଖଡ଼ିକା, କୋଡ଼ି, କୋଦାଳ ଆଦି ତିଆରି କରନ୍ତି ।

କେତେକ ଲୋକ ଗ୍ରାମବାସୀମାନଙ୍କର ମଇଳା ଲୁଗା ଓ ପୋଷାକ ସଫା କରନ୍ତି । ସେଗୁଡ଼ିକ ସାବୁନ ଓ ଲୁଗାସଫା ପାଉଡର୍‌ରେ ସଫାକରନ୍ତି ଓ ଇସ୍ତ୍ରୀକରି ପାରିଶ୍ରମିକ ନିଅନ୍ତି ।





ଗାଁର କିଛି ଲୋକ ନଈ, ନାଳ, ପୋଖରୀରୁ ମାଛଧରି ପେଟପୋଷନ୍ତି । କେତେକଲୋକ ଗାଈ, ମଇଁଷି ପାଳନ କରନ୍ତି । ସେମାନେ କ୍ଷୀର ବିକ୍ରିକରି ଜୀବିକାନିର୍ବାହ କରନ୍ତି ।

ODM EDUCATIONAL GROUP

ଆମ ଗାଁର ବାଚସ୍ପତି ମହାରଣା ଜଣେ ମୂର୍ତ୍ତିକାରିଗର । ସେ ପଥରରେ ସୁନ୍ଦରସୁନ୍ଦର ମୂର୍ତ୍ତି ତିଆରି କରନ୍ତି । ତାଙ୍କ ହାତର ସ୍ପର୍ଶ ପାଇ ପଥରର ମୂର୍ତ୍ତି ଜୀବନ୍ତ ହୋଇଉଠେ ।

PATHAGARA.ODIAPORTAL.IN By OdiaPortal.in



ଗାଁର ଲୋକମାନେ ଭିନ୍ନଭିନ୍ନ କାମ କରୁଥିଲେ ହେଁ ସେମାନଙ୍କ ମନ ଏକ । ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଥାଏ । କେହି କାହାକୁ ଛୋଟ ବୋଲି ଭାବନ୍ତି ନାହିଁ । ସମସ୍ତେ ମିଳିମିଶି ଚଳନ୍ତି । ଏକାଠି ମିଶି ନିଷ୍ପତ୍ତି ନିଅନ୍ତି ।

# ଅଭ୍ୟାସ -୬ – ପାଠଟିକୁ ପଢି ଉତ୍ତର ଲେଖ ।

ODM EDUCATIONAL GROUP

କ –ଚାଷୀ ମାନେ କି କି ଚାଷ କରନ୍ତି ?

ଖ–ମାଟି କାରିଗର କେଉଁ ସବୁ ଜିନିଷ ମାଟିରେ ତିଆରି କରିଥାନ୍ତି?

ଗ –କାଠ କାରିଗର କଣ କଣ ତିଆରି କରିଥାନ୍ତି ?

ଘ –ଗୋପାଳକ କି କି ଜିନିଷ ବିକ୍ରି କରନ୍ତି ?

ଙ-ବାଚସ୍ପତି ମହାରଣା କଣ କରନ୍ତି ?

ଚ –ଆମ ଗାଁର ଲୋକମାନେ କିପରି ଥାଆନ୍ତି ?

# ଅଭ୍ୟାସ -୬ – ପାଠଟିକୁ ପଢ଼ି ଉତ୍ତର ଲେଖ ।

ODM EDUCATIONAL GROUP

କ –ଚାଷୀ ମାନେ କି କି ଚାଷ କରନ୍ତି ?

ଉ-ଚାଷୀ ମାନେ ଧାନ,ଗହମ,ମୁଗ,ବିରି ଓ ଚିନାବାଦାମ ଚାଷ କରନ୍ତି ।

ଖ–ମାଟି କାରିଗର କେଉଁ ସବୁ ଜିନିଷ ମାଟିରେ ତିଆରି କରିଥାନ୍ତି ?

ଉ–ମାଟି କାରିଗର ମାଟିରେ ହାଣ୍ଡି,ମାଠିଆ,ସରା ସବୁ ଜିନିଷ ତିଆରି କରିଥାନ୍ତି ।

ଗ –କାଠ କାରିଗର କଣ କଣ ତିଆରି କରିଥାନ୍ତି ?

ଉ - କାଠ କାରିଗର କାଠରେ ଖଟ,ଚଉକି,ଟେବୁଲ,କବାଟ ଓ ଝରକା ତିଆରି କରିଥାନ୍ତି ।

# ଅଭ୍ୟାସ -୬ – ପାଠଟିକୁ ପଢି ଉତ୍ତର ଲେଖ |

ଘ –ଗୋପାଳକ କି କି  ଜିନିଷ ବିକ୍ରି କରନ୍ତି ?

ଉ- ଗୋପାଳକ କ୍ଷୀର ,ଦହି ,ଘିଅ ,ଛେନା ଆଦି ଜିନିଷ ବିକ୍ରି କରନ୍ତି |

ଙ-ବାଚସ୍ପତି ମହାରଣା  କଣ  କରନ୍ତି ?

ଉ -ବାଚସ୍ପତି ମହାରଣା ପଥରରେ ସୁନ୍ଦର ସୁନ୍ଦର ଜୀବନ୍ତ ମୂର୍ତ୍ତି  ତିଆରି କରନ୍ତି |

ଚ –ଆମ ଗାଁର ଲୋକମାନେ କିପରି ଥାଆନ୍ତି  ?

ଉ-ଆମ ଗାଁ ର ଲୋକମାନେ ଭିନ୍ନ ଭିନ୍ନ କାମ କରୁଥିଲେ ହେଁ ସେମାନଙ୍କର ମନ ଏକ |ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା  ଥାଏ |କେହି କାହାକୁ ଛୋଟ ବୋଲି ଭାବନ୍ତି ନାହି ,ସମସ୍ତେ ମିଳିମିଶି ଚଳନ୍ତି ଓ ଏକାଠି ମିଶି ନିଷ୍ପତ୍ତି ନିଅନ୍ତି |ଏହିପରି ଭାବରେ ଲୋକମାନେ ମିଳିମିଶି ମନ ଖୁସିରେ ଥାଆନ୍ତି |

# ଗୃହକର୍ମ

ଅଭ୍ୟାସ -୭-ତୁମ ଗାଁ ବା ଅଞ୍ଚଳର ଲୋକମାନେ  କି କି କାମ କରନ୍ତି ,ବହିରେ କର |



# ପଠନର ମୂଲ୍ୟାଙ୍କନ



# ୫ଟି ପଠନ ମୂଲ୍ୟାୟନର ପର୍ଯ୍ୟାୟ ସ୍ତର

୫: ଗପ ସ୍ତର ।

୪: ଅନୁଚ୍ଛେଦ ସ୍ତର ।

୩: ଶବ୍ଦ ସ୍ତର ।

୨: ଅକ୍ଷର ସ୍ତର ।

୧: ପ୍ରାରମ୍ଭିକ ସ୍ତର ।

# ନମୁନା- ୧

ଏହି ସ୍ତର ଦେଇ ପିଲା ମାନଙ୍କର ପଢିବା ଫଳାଫଳକୁ ମୂଲ୍ୟାଙ୍କନ କରାଯିବ ।

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

ODM EDUCATIONAL GROUP

୧ –କିଏ ହାଣ୍ଡି ମାଠିଆ ଗଢେ ?

୨–ଲୁହା କାରିଗର କଣ କଣ ତିଆରି କରେ?

୩ –କ୍ଷୀର ରୁ କଣ କଣ ତିଆରି କରାଯାଏ ?

୪ –ଗୋପାଳକ କିପରି ଭାବରେ ଜୀବିକା ନିର୍ବାହ କରନ୍ତି ?

୫ –ବାଚସ୍ପତି ମହାରଣା କିଏ ?

୬ – ବାଚସ୍ପତି ମହାରଣା କେଉଁଥିରେ କଣ ତିଆରି କରନ୍ତି ?

୭ – ଗାଁ ର ଲୋକମାନେ କିପରି ଚଳନ୍ତି ?

# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP